# Akashvani, Sambalpur

## SAMBALPURI NEWS EVENING BULLETIN

## 5 November 2025- 7.02 pm- 7.12 pm.

*********************************************

୧- କଟକ୍‌ର ଐତିହାସିକ୍ ବାଲିଯାତ୍ରା ଆଏଜ୍‌ଠାନୁ ହେଲା ମୁଲ୍ ।

- ଉଦ୍‌ଘାଟନ୍ କଲେ ମୁଖ୍ୟମନ୍ତ୍ରୀ ।

୨- ପବିତ୍ର କାର୍ତ୍ତିକ୍ ପୁନି ଅବ୍‌ସରେ ରାଏଜେ ନୌବାଣିଜ୍ୟ ପରମ୍ପରା ଅନ୍‌ସାରେ ନଦୀ ଆର୍ ବନ୍ଧ୍‌ମାନ୍‌କେ ଲୁକେ ଭସାଲେ ଡଙ୍ଗା ।

- ପୁରୀ ଶ୍ରୀମନ୍ଦିର୍ ନ ରାଜରାଜେଶ୍ୱର ଆଉ ସୁନାବେଶଥି ଦର୍ଶନ୍ ଦେଲେ ମାହାପ୍ରୁ ।

୩- ଇ ବଛର୍ ଖରିଫ୍ ଋତୁ ଲାଗି ଧାନ୍ କ୍ୱିଂଟାଲ୍ ପିଛା ସର୍ବନିମ୍ନ ସହାୟକ ମୂଲ୍ୟ ୬୯ ଟଙ୍କା ବଢ଼ାଲେ ସର୍‌କାର୍ ।

ଆଉର୍

୪- ଦେଶେ ପାଲିତ୍ ହେଉଛେ ଶିଖ୍ ଧର୍ମଗୁରୁ ଗୁରୁନାନକ୍‌ଙ୍କର୍ ଜୟନ୍ତୀ ।

ବାଲିଯାତ୍ରା ଆର୍‌ଏନ୍‌ୟୁ/ ସମ୍ବଲପୁର

କାର୍ତ୍ତିକ୍ ପୁନି ଅବ୍‌ସରେ ଆଏଜ୍‌ଠାନୁ କଟକ୍‌ର ଐତିହାସିକ ବାଲିଯାତ୍ରା ମୁଲ୍ ହେଇଛେ । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି କାର୍ଯ୍ୟକ୍ରମ୍‌କେ ବିଧିବଦ୍ଧ ଭାବେ ଉଦ୍‌ଘାଟନ୍ କରିଛନ୍ । ଭାରତ୍ ନ ଅବସ୍ଥାପିତ୍ ଇଣ୍ଡୋନେସିଆର୍ ରାଷ୍ଟ୍ରଦୂତ ସୁଶ୍ରୀ ଇନା ଏଚ୍. କୃଷ୍ଣମୂର୍ତ୍ତି ଇ ବଛର୍ ବାଲିଯାତ୍ରାଥି ସମ୍ମାନିତ୍ ଅତିଥି ଭାବେ ଯୋଗ୍ ଦେଇଛନ୍ । ସମାରୋହଥି ସଂସ୍କୃତିମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍‌ଙ୍କର୍ ସହେତେ କଟକ୍‌ର ସାଂସଦ୍ ଆଉ ବିଧାୟକ୍‌ମାନେ ଯୋଗ୍ ଦେଇଛନ୍ । ୮ ଦିନ୍ ଧରିକରି ହେବାର୍‌କେ ଥିବା ଓଡ଼ିଶାର୍ ଐତିହ୍ୟ, କଳା, ସଂସ୍କୃତି, ମନୋରଞ୍ଜନ୍, ଖାଦ୍ୟ, ହସ୍ତଶିଳ୍ପ, ବ୍ୟବସାୟ ଆଉ ବାଣିଜ୍ୟ ମହୋତ୍ସବ୍‌ଥି ଦେଶ୍ ବିଦେଶ୍‌ନୁ ପର୍ଯ୍ୟଟକ୍‌ମାନ୍‌କର୍ ଭିଡ଼୍ ଜମ୍‌ସି ।

ବାଲିଯାତ୍ରା- ଶୁଭେଚ୍ଛା ଆର୍‌ଏନ୍‌ୟୁ/ ସମ୍ବଲପୁର

ଐତିହାସିକ୍ ବାଲିଯାତ୍ରା ଆଉ ବୋଇତ ବନ୍ଦାଣ ଅବ୍‌ସରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଏଜ୍ ରାଜ୍ୟବାସୀଙ୍କୁ ଶୁଭେଚ୍ଛା

ଜନେଇଛନ୍ । ବାଲିଯାତ୍ରା ଓଡ଼ିଶାର୍ ଗୌରବମୟ ସାମୁଦ୍ରିକ ବାଣିଜ୍ୟ ପରମ୍ପରା ଆଉ ସାଂସ୍କୃତିକ୍ ଐତିହ୍ୟର୍ ପ୍ରତୀକ ଆଏ ବଲି ରାଷ୍ଟ୍ରପତି ସାମାଜିକ୍ ଗଣମାଧ୍ୟମ୍‌ଥି ଉଲ୍ଲେଖ୍ କରିଛନ୍ । ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଇ ଅବ୍‌ସରେ ଶୁଭେଚ୍ଛା ଜନେଇକରି ଭାରତୀୟ ସଂସ୍କୃତି ଆଉ ଆଧ୍ୟାତ୍ମିକତା ସହେତେ ଜୁଡ଼ି ହେଇକରି ଥିବା ଇ ଦିବ୍ୟ ଅବ୍‌ସର୍ ସମ୍‌କର୍ ଜୀବ୍‌ନେ ସୁଖ୍ ଶାନ୍ତି ଆନିଦଉ ବଲି କହିଛନ୍ । ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍‌ପାଟି ଇ ପରମ୍ପରା ଓଡ଼ିଶାର୍ ଗର୍ବ ଆଉ ସଂସ୍କୃତିର୍ ଜୀବନ ସ୍ପନ୍ଦନ ବଲି କହିଛନ୍ । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ବୋଇତ ବନ୍ଦାଣ ଅବ୍‌ସରେ ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଜନେଇକରି କହିଛନ୍, ନୌବାଣିଜ୍ୟ ଆମର୍ ପରମ୍ପରା, ସଂସ୍କୃତି ଆଉ ଗରିମାମୟ ଅତୀତର୍ ପରିଚୟ ଆଏ ।

କାର୍ତ୍ତିକ୍ ପୁନି ଆର୍‌ଏନ୍‌ୟୁ ସମ୍ବଲପୁର୍/ ପୁରୀ ସମ୍ବାଦଦାତା

ଆଏଜ୍ ସାରା ରାଏଜେ ପବିତ୍ର କାର୍ତ୍ତିକ୍ ପୁନି ପାଲିତ୍ ହଉଛେ । ଗଲା ରାଏତ୍‌ସାରା ଜାଗାଜାଗା ଭଜନ୍, କୀର୍ତ୍ତନ୍ ହେଇଥିଲା । ତାର୍‌ସାଙ୍ଗେ ଓଡ଼ିଶାର୍ ପୂର୍ବାପାତିର୍ ନୌବାଣିଜ୍ୟକେ ସୁର୍‌ତା କରିକରି ଲୁକେ ପହପହନୁ ନଏଦ୍, ବନ୍ଧ୍

ଆର୍ ଜୋର୍ ମାନ୍‌କେ ବୁଡ଼୍ ପକେଇକରି କଦେଲ୍ ପଟୁଆ, କାଗଜ୍ ଆର୍ ସୋଲ୍‌ଥି ତିଆରି ଡଙ୍ଗା ଭସେଇଛନ୍ । ସେନ୍ତା ଧରମ୍ ମାସ୍ କାର୍ତିକ୍‌ର ଉଜଲ୍‌ପଖର୍ ଏକାଦଶୀ ନୁ ପୁନି ତକ୍ ହେଉଥିବା ପଂଚକ୍ ବ୍ରତ ଆଏଜ୍ ଶେଷ୍ ହେଇଛେ । ଇ ଅବ୍‌ସରେ ଗୁଡ଼ି ମାନ୍‌କେ ଲୁକେ ଦେ'ଦେବ୍‌ତାଙ୍କର୍ ଦର୍ଶନ୍ କରିଛନ ।

କାର୍ତିକ୍ ପୁନି ଅବ୍‌ସରେ ଆଏଜ୍ ପୁରୀ ଶ୍ରୀମନ୍ଦିର୍ ନ ଶ୍ରୀଜୀଉମାନେ ରାଜରାଜେଶ୍ୱର - ସୁନାବେଶଥି ଭକ୍ତମାନ୍‌କୁ ଦର୍ଶନ୍ ଦେଉଛନ୍ । ହେଥିର୍‌ଲାଗି ଶ୍ରୀମନ୍ଦିର୍ ନ ଶ୍ରଦ୍ଧାଳୁଙ୍କର୍ ଖୋବ୍ ଭିଡ଼୍ ହେଇଛେ । ସେଆଡ଼େ ଆଏଜ୍ ପହପହନୁ ଲାଖ୍ ଲାଖ୍ ଶ୍ରଦ୍ଧାଳୁ ମହୋଦଧି ସଙ୍ଗେ ଶ୍ୱେତଗଙ୍ଗା, ନରେନ୍ଦ୍ର, ମାର୍କଣ୍ଡେୟ ଆର୍ ଇନ୍ଦ୍ରଦ୍ୟୁମ୍ନ ତୀର୍ଥ ପୁଷ୍କରିଣୀ ନ ବୁଡ଼୍ ପକେଇଥିଲେ । ସେଆଡ଼େ ପୁରୀ ନ ମାସେ ଧରିକରି ଚାଲିଥିବା ହବିଷ୍ୟାଳିମାନ୍‌କର୍ କାର୍ତିକ ବ୍ରତ ଭିଲ୍ ଆଏଜ୍ ଶେଷ୍ ହେଇଛେ ।

ମୁଖ୍ୟମନ୍ତ୍ରୀ- ପାରାଦୀପ୍        ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ପାରାଦୀପ୍ ବନ୍ଦର୍ ସାରା ଭାରତ୍‌ର ନୌବାଣିଜ୍ୟ କ୍ଷେତ୍ରକେ ଅର୍ଥନୈତିକ୍ ସ୍ତର୍‌କେ ବର୍‌କସ୍ କରୁଛେ ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ । ପାରାଦୀପ୍ ବନ୍ଦର୍ ନ ଆଏଜ୍ ହେଇଥିବା ବୋଇତ ବନ୍ଦାଣ ଉତ୍ସବ୍‌ଥି ଯୋଗ୍ ଦେଇକରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍, ପାରାଦୀପ୍ ବନ୍ଦର୍ ଆଧୁନିକ୍ ଓଡ଼ିଶାର୍ ପ୍ରଗତିର୍

ପ୍ରବେଶ୍ ପଥ ଆଉ ଅର୍ଥନୀତିର୍ କୋଣାର୍କ ଆଏ । ୨୦୨୫ ମସିହାଥି ପଣ୍ୟ ପରିବହନ୍ କ୍ଷମତା ଶହେ ୫୦ ନିୟୁତ ଟନ୍‌କେ ପୁହୁଁଚେଇକରି ପାରାଦୀପ୍ ବନ୍ଦର୍ ଆଏଜ୍ ଭାରତ୍‌ର ସବୁନୁ ବଡ୍ ବନ୍ଦର୍‌ର ମାଏନ୍‌ତା ପାଇପାରିଛେ । ମାରିଟାଇମ୍ ଇଣ୍ଡିଆ ଭିଜନ୍ ୨୦୩୦ ଅନ୍‌ସାରେ ବଛର୍‌କ ୩ ଶହ ନିୟୁତ ଟନ୍ ଆଉ ବିକଶିତ୍ ଭାରତ୍ ୨୦୪୭ ଯୋଜ୍‌ନାଥି ପାରାଦୀପ୍ ବନ୍ଦର୍‌କେ ଗୁଟେ ବଡ୍ ବନ୍ଦର୍ ଭାବେ ଗଢ଼ାଯିବାର୍ ସହେତେ ପଣ୍ୟ ପରିବହନ କ୍ଷମତା ୫ ଶହ ନିୟୁତ ବଢ଼ାବାର୍ ଲକ୍ଷ୍ୟ ରଖାଯାଇଛେ ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

(ଭଏସ୍ ଓଭର୍-ମୁଖ୍ୟମନ୍ତ୍ରୀ)

କାର୍ତିକ୍‌ପୁନି-୧/ଆର୍‌ଏନ୍‌ୟୁ

ସମ୍ବଲପୁର୍/ବୌଦ୍ଧ/ସୁବର୍ଣ୍ଣପୁର୍/ଦେବ୍‌ଗଡ୍

ସମ୍ବଲ୍‌ପୁର୍ ସହର୍ ସହେତେ ଜିଲ୍ଲାର୍ ସବୁଆଡ଼େ କାର୍ତିକ୍ ପୁନି-ପାଲିତ୍ ହେଉଛେ । ପହପହନୁ ସମ୍ବଲପୁରର୍ ମହାନଦୀ ଘାଟ୍‌ମାନ୍‌କୁ ଡଙ୍ଗା ଉହ୍ଲାବାର୍‌କେ ଲୁକ୍‌କର୍ ଭିଡ୍ ଜମିଥିଲା । ସହରର୍ ମନ୍ଦିର୍ ମାନ୍‌କୁ ଶ୍ରଦ୍ଧାଲୁଙ୍କର୍ ଭିଡ୍ ହେଇଥିଲା । ଜାଗା ଜାଗା ହେଇଥିବା ନାମ୍‌ଯଜ୍ଞ ଆଏଜ୍ ବଢ଼ିଥିଲା ।

ଶ୍ରୀ ଶ୍ରୀ ବ୍ରହ୍ମପୁରା ମନ୍ଦିର୍ ନ ଚତୁର୍ଦ୍ଧା ମୂର୍ତି ରାଜରାଜେଶ୍ୱର୍ ବେଶଥି ଭକ୍ତମାନ୍‌କୁ ଦର୍ଶନ୍ ଦେଇଥିଲେ ।

ସୁବର୍ଣ୍ଣପୁର୍ ଜିଲ୍ଲାର୍ ମହାନଦୀ, ତେଲ୍ ଆର୍ ଅଙ୍ଗ୍ ନଦୀର୍ ସଂଗମ୍ ସ୍ଥଳ୍ ରାମେଶ୍ୱର୍ ସ୍ୱର୍ଣ୍ଣପ୍ରୟାଗ୍ ଘାଟ୍, ବିନ୍‌କା ପାପକ୍ଷୟ ଘାଟ ଆଉ  ବୀର୍‌ମହାରାଜ୍‌ପୁର୍‌ର ହରିହର୍‌ଜୋର୍ ସହେତେ ଭିନ୍ ଭିନ୍ ଜାଗା ନ ଲୁକେ ଡଙ୍ଗା ଭସେଇଥିଲେ । ଜିଲ୍ଲାର ଗୁଡ଼ି ମାନ୍‌କେ ଭକ୍ତମାନ୍‌କର୍ ଜବର୍ ଭିଡ୍ ଲାଗିଥିଲା ।

ବୌଦ୍ଧ ଜିଲ୍ଲାର୍ ଐତିହାସିକ ଗନ୍ଧରାଡ଼ି ପୀଠ, ରାମେଶ୍ୱର୍ ପୀଠ ସହେତେ ଦେ'ଦେବ୍‌ତାଙ୍କର୍ ମନ୍ଦିର୍‌ଥି ଭକତ୍‌ମାନ୍‌କର୍ ଭିଡ୍ ଦେଖିବାର୍‌କେ ମିଳିଥିଲା ।

ଦେବ୍‌ଗଡ଼୍ ସହର୍‌ର ଗୋହିରିବନ୍ଧ ନ ଲୁକେ ଡଙ୍ଗା ଭସେଇଥିଲେ । ଇତାର୍‌ସଙ୍ଗେ ଦେବ୍‌ଗଡ଼୍ ସହର୍ ଆର୍ ଜିଲ୍ଲାର୍ ଭିନ୍ ଭିନ୍ ମନ୍ଦିର୍‌ମାନ୍‌କୁ ଭକ୍ତମାନ୍‌କର୍ ଭିଡ୍ ହେଇଥିଲା ।

କାର୍ତ୍ତିକ୍ ପୁନି ଅବ୍‌ସରେ ବଲାଙ୍ଗିର୍ ଜିଲ୍ଲାର୍ ହରିଶଙ୍କର୍ ଶୈବପୀଠ ଆଉ ବର୍‌ଗଡ଼୍ ଜିଲ୍ଲାର୍ ନୃସିଂହନାଥ ନ ହଜାର୍ ହଜାର୍ ଶ୍ରଦ୍ଧାଳୁ ପାପନାଶିନୀ ଝର୍‌ନା ନ ବୁଡ଼୍ ପକେଇକରି ମାହାପୁରୁମାନ୍‌କର୍ ଦର୍ଶନ୍ କରିଥିଲେ ।

## ରାଜ୍ୟପାଲ୍ -ଜନଜାତି ଯୁବ ବିନିମୟ କାର୍ଯ୍ୟକ୍ରମ I&PR

ଜୀବନ୍‌ର ଲକ୍ଷ୍ୟସ୍ଥଲ୍‌କେ ପୁହୁଁଚିବାର୍ ଲାଗି ଶିକ୍ଷା ହିଁ ବର୍‌କସ୍ ମାଧ୍ୟମ୍ ଆଏ ବଲି ରାଜ୍ୟପାଲ୍ ଡକ୍ଟର୍ ହରିବାବୁ

କମ୍ପମ୍ପାଟି କହିଛନ୍ । ରାଜ୍ଭବନ୍ ଠାନେ ଆଏଜ୍ ହେଇଥିବା ୧୭ ନମ୍ବର୍ ଜନଜାତି ଯୁବ ବିନିମୟ କାର୍ଯ୍ୟକ୍ରମ୍ଥି ରାଜ୍ୟପାଲ୍ ଓଡ଼ିଶା ସହେତେ ଭିନ୍ ଭିନ୍ ରାଜ୍ୟର୍ ଯୁବ ପ୍ରତିନିଧି ମାନ୍କର୍ ସଙ୍ଗେ ବିଚାର୍ ବିନିମୟ କରିକରି ନିଜର୍ ଅଧିକାର୍, ଦାୟିତ୍ୱ ଆଉ ସଶକ୍ତିକରଣ୍ ଲାଗି ଥିବା ଭିନ୍ ଭିନ୍ ଯୋଜ୍ନା ବାବ୍ଦେ ଯୁଆନ୍ ପିଢ଼ି ସଚେତନ୍ ରହେବାର୍କେ ଆହ୍ୱାନ୍ ଦେଇଛନ୍ । ଇ ଅବ୍ସରେ ରାଜ୍ୟପାଲ୍ ସେମାନ୍କର୍ ଶିକ୍ଷା, ଭବିଷ୍ୟତ୍ ଲକ୍ଷ୍ୟ ବାବ୍ଦେ ପଚ୍ରେଇକରି ପରାମର୍ଶ ଭିଲ୍ ଦେଇଛନ୍ ।

ଖରିଫ୍ ଧାନ୍ -ଏମ୍ଏସ୍ପି ବୃଦ୍ଧି      ହି.ସ.

ଇ ବଛର୍ ଖରିଫ୍ ଋତୁ ବେଲ୍କେ ଧାନ୍ କ୍ୱିଂଟାଲ୍ ପିଛା ଚାଷୀମାନ୍କୁ ସର୍ବନିମ୍ନ ସାହାଜ୍ - ଏମ୍ଏସ୍ପି ଅଏତ୍କା ୬୯ ଟଙ୍କା ଦିଆଯିବା ବଲି ଖାଦ୍ୟ ଯୋଗାଣ ଆଉ ଖାଉଟି କଲ୍ୟାଣ୍ ବିଭାଗ୍ ତର୍ଫୁ ସୂଚ୍ନା ଦିଆଯାଇଛେ । ବିଭାଗ୍ର ବିଜ୍ଞପ୍ତି ଅନ୍ସାରେ କ୍ୱିଂଟାଲ୍ ପିଛା ୩ ହଜାର୍ ଶହେ ଟଙ୍କା ବଦ୍ଲେ ୩ ହଜାର୍ ଶହେ ୬୯ ଟଙ୍କା ଚାଷୀମାନ୍କୁ ଦିଆଯିବା । ଗ୍ରେଡ୍ ଏ ଧାନ୍ କ୍ୱିଂଟାଲ୍ ପିଛା ୩ ହଜାର୍ ଶହେ ୮୯ ଟଙ୍କା ଦିଆଯିବା ବଲି ବିଭାଗ୍ ତର୍ଫୁ କୁହାଯାଇଛେ । କେନ୍ଦ୍ର ସର୍କାର୍ କ୍ୱିଂଟାଲ୍ ପିଛା ବଢ଼୍ତି ଏମ୍ଏସ୍ପି ୨ ହଜାର୍ ୩ ଶହ ୬୯ ଟଙ୍କା ଥିର୍ କରିଥିଲା

ବେଲ୍‌କେ ରାଜ୍ୟ ସର୍‌କାର୍ କ୍ୱିଂଟାଲ୍ ପିଛା ୮ ଶହ ଟଙ୍କା ଇନ୍‌ପୁଟ୍ ସବ୍‌ସିଡ଼ି ଯୁଗେଇ ଦେଇଛନ୍ ।

ପେନ୍‌ସନ୍ ଭୋଗୀ ଡିଜିଟାଲ୍ ଜୀବନ୍ ପ୍ରମାଣପତ୍ର    ଏନ୍‌ଏସ୍‌ଡି

ଦେଶର୍ ୨୫ ଲାଖ୍ ପେନ୍‌ସନ୍ ଭୋଗୀ ଡିଜିଟାଲ୍ ଜୀବନ୍ ପ୍ରମାଣପତ୍ର ଲାଗି ମୁହୁଁଚିହ୍ନଟ୍ ପ୍ରକ୍ରିୟା ଅପ୍‌ନେଇଛନ୍ ବଲି କେନ୍ଦ୍ର କାର୍ମିକ, ସାଧାରଣ ଅଭିଯୋଗ୍ ଆଉ ପେନ୍‌ସନ୍ ମନ୍ତ୍ରଣାଳୟର୍ ରାଷ୍ଟ୍ରମନ୍ତ୍ରୀ ଡକ୍ଟର୍ ଜିତେନ୍ଦ୍ର ସିଂ କହିଛନ୍ । ନୂଆଦିଲ୍ଲୀ ନ ଆଏଜ୍ ଡିଜିଟାଲ୍ ଜୀବନ୍ ପ୍ରମାଣ୍‌ପତ୍ର ଅଭିଯାନ୍‌ର ୪ ନମ୍ବର୍ ଖେପ୍ ଶୁଭାରମ୍ଭ କରିକରି ମନ୍ତ୍ରୀ ଡକ୍ଟର୍ ସିଂ କହିଛନ୍, ମଙ୍ଗୋଲିଆ ଆଉ ମାଲ୍‌ଦୀପ୍ ସହେତେ ବହୁତ୍‌ଟେ ଦେଶ୍ ଭାରତ୍‌ର ଇ ଅଭିଯାନ୍‌କେ ପ୍ରଶଂସା କରିଛନ୍ । ଇ ମାସ୍ ଶେଷ୍‌ତକ୍ ଅଭିଯାନ୍ ସାରା ଦେଶେ ଜାରି ରହେବା ବଲି କେନ୍ଦ୍ରମନ୍ତ୍ରୀ କହିଛନ୍ । ଅଭିଯାନ୍‌କେ ନେଇକରି ଲୁକ୍‌କୁ ସଚେତନ୍ କର୍‌ବାର୍ ଲାଗି ଗୁଟେ ବହି ଆର୍ ଗୁଟେ ଛୋଟ୍ ସିନ୍‌ମାକେ ମନ୍ତ୍ରୀ ଡକ୍ଟର୍ ସିଂ ଉନ୍ମୋଚନ୍ କରିଛନ୍ ।

ଭାରତ୍ ଏ.ଆଇ. ଶାସନ ମାର୍ଗଦର୍ଶିକା    ଏନ୍‌ଏସ୍‌ଡି

କେନ୍ଦ୍ର ଇଲେକ୍ଟ୍ରୋନିକ୍ସ ଆଉ ସୂଚନା, ପ୍ରଯୁକ୍ତିବିଦ୍ୟା ମନ୍ତ୍ରଣାଳୟ ତରଫୁଁ ଭିନ୍ ଭିନ୍ କ୍ଷେତ୍ରଥି ନିରାପଦ୍,

ଅନ୍ତର୍ଭୁକ୍ତିକରଣ୍ ଆଉ ଦାୟିତ୍ୱର୍ ସହେତେ କୃତ୍ରିମ ବୁଦ୍ଧିମତାର୍ ବେଭାର୍ ଲାଗି ଆଏଜ୍ ଭାରତ୍ ଏ.ଆଇ. ଶାସନ ମାର୍ଗଦର୍ଶିକାର ଉନ୍ମୋଚନ୍ କରାଯାଇଛେ । କେନ୍ଦ୍ର ସର୍କାର୍ଙ୍କର୍ ପ୍ରମୁଖ ବୈଜ୍ଞାନିକ ପରାମର୍ଶଦାତା ପ୍ରଫେସର୍ ଅଜୟ କୁମାର୍ ସୁଦ୍, ମନ୍ତ୍ରଣାଲୟର୍ ସଚିବ ଏସ୍. କ୍ରିଷ୍ଣାଙ୍କର୍ ଉପସ୍ଥିତିଥି ମାର୍ଗଦର୍ଶିକା ଉନ୍ମୋଚନ୍ କରିଛନ୍ । ଇ ମାର୍ଗଦର୍ଶିକା ଦେଶେ ଅତ୍ୟାଧୁନିକ୍ ନୂଆଁ ସୃଜନ୍‌କେ ତହଁକାବାର୍ ସହେତେ ସୁରକ୍ଷିତ୍ ଭାବେ ଏଆଇର୍ ବିକାଶ୍ ଆଉ ବେଭାର୍ ଲାଗି ଗୁଟେ ବର୍‌କସ୍ ଶାସନ୍ ଢାଂଚା ଯୁଗେଇ ଦେବା ।

ଗୁରୁନାନକ୍ ଦେବ୍ ଜୟନ୍ତୀ ଆର୍‌ଏନ୍‌ୟୁ ସମ୍ବଲପୁର୍

ଆଏଜ୍ ହେଉଛେ ଶିଖ୍ ଧର୍ମର୍ ସଂସ୍ଥାପକ ଆର୍ ପହେଲା ଗୁରୁ ଗୁରୁନାନକ୍ ଦେବ୍‌ଙ୍କର୍ ଜୟନ୍ତୀ । ସାରା ଭାରତ୍ ସହେତେ ପୁର୍‌ଥିର୍ ଭିନ୍ ଭିନ୍ ଜାଗା ନ ଗୁରୁନାନକ୍ ଦେବ୍‌ଙ୍କର୍ ଜୟନ୍ତୀକେ ପ୍ରକାଶ୍ ପରବ୍ ଭାବେ ପାଲନ୍ କରାଯାଇଛେ । ସମ୍ବଲ୍‌ପୁରର୍ ମୁଦିପଡ଼ା, ପାଂଚ୍‌ଗଛିଆ ଆର୍ ତିୱାରୀ ଗଲିର୍ ଗୁରୁଦ୍ୱାରା ନ ପ୍ରକାଶ ପରବ୍ ପାଲନ୍ କରାଯାଉଛେ ।

ପବିତ୍ର ଶିଖ୍ ଧର୍ମର୍ ପ୍ରତିଷ୍ଠାତାଙ୍କର୍ ଜନ୍ମଦିନ୍‌ଥି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ତାଙ୍କର୍ ବାର୍ତାଥି କହିଛନ୍, ଗୁରୁନାନକ ଙ୍କର୍

ଆଦର୍ଶ  ଆଉ ମୂଲ୍ୟବୋଧ ସମ୍‌କୁ ଉତ୍ସାହିତ୍ କର୍‌ବାର୍ ସହେତେ ମାର୍ଗଦର୍ଶନ୍ ଦଉଛେ ।

ଇ ଉଲ୍‌ଗୁନେ ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଶିଖ୍ ଭାଇ ବହେନ୍‌ମାନ୍‌କୁ ଶୁଭେଚ୍ଛା ଜନେଇକରି କହିଛନ୍, ଗୁରୁନାନକ୍‌ଙ୍କର୍ ଜୀବନ୍ ଆଉ ବାଣୀ ସବୁବେଲେ ମାନବ୍ ଜାତିକେ ଅମର୍ ଜ୍ଞାନ୍ ସହେତେ ବାଟ୍ ଦେଖଉଛେ ।

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଶିଖ୍ ସମ୍ପ୍ରଦାୟର୍ ଗୁରୁ ନାନକ୍ ଦେବ୍‌ଜୀ ମହାରାଜ୍‌ଙ୍କୁ ପ୍ରଣାମ୍ ଜନେଇଛନ୍ ।

କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ତାଙ୍କର୍ ବାର୍ତାଥି କହିଛନ୍ ଯେ, ଗୁରୁନାନକ୍‌ଙ୍କର୍ ଉପଦେଶ୍ ମଣିଷତ୍ୱ, ସମାନତା, ସତ୍ୟ ଆଉ କରୁଣାର୍ ବାଟ୍ ଦେଖାସି ।

ନୂଆପଡ଼ା- ଉପନିର୍ବାଚନ୍       ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ବିଧାନ୍‌ସଭା ଉପନିର୍ବାଚନ୍‌କେ ଆଉ ୬ ଦିନ୍ ବାକି ରହିଛେ । ତିନ୍ ପ୍ରମୁଖ ରାଜନୈତିକ୍ ଦଲ୍ ସହେତେ ଅଲ୍‌ଗା ଦଲ୍ ଆଉ ସ୍ୱାଧୀନ୍ ପ୍ରାର୍ଥୀମାନ୍‌କର୍ ତର୍‌ଫୁ ଜୋର୍‌ଦାର୍ ପ୍ରଚାର୍ ଚାଲିଛେ । ଭାରତୀୟ ଜନତା ପାର୍ଟିର୍ ପ୍ରାର୍ଥୀ ଜୟ ଢୋଲ୍‌କିଆ, ବିଜେଡ଼ି ପ୍ରାର୍ଥୀ ସ୍ନେହାଙ୍ଗିନୀ ଛୁରିଆ ଆଉ କଂଗ୍ରେସ୍ ପ୍ରାର୍ଥୀ ଘାସିରାମ୍ ମାଝୀ ନିର୍ବାଚନ୍ ମଣ୍ଡଲୀର୍ ଭିନ୍ ଭିନ୍ ଜାଗା ନ ଆଏଜ୍ ପ୍ରଚାର୍ କରିଛନ୍ ।

ବାଲିଯାତ୍ରା-ନୌଚାଲନା ପ୍ରତିଯୋଗିତା        ସୁବର୍ଣ୍ଣପୁର୍

ବାଲିଯାତ୍ରା ଅବ୍‌ସରେ ସୁବର୍ଣ୍ଣପୁର୍ ମହାନଦୀ ଲଙ୍କେଶ୍ୱରୀ ଦର୍‌ହ ନ ଆନ୍ତଃଜିଲ୍ଲା ନୌଚାଲନା ପ୍ରତିଯୋଗିତା ହେଇଯାଇଛେ । ସୁବର୍ଣ୍ଣପୁର୍ ଜିଲ୍ଲା ସହେତେ ପଶ୍ଚିମ ଓଡ଼ିଶାର୍ ଭିନ୍ ଭିନ୍ ଜିଲ୍ଲାର୍ ୮୦ ଝନ୍ ଯୁଆନ୍ ପିଲା ଇଥି ଭାଗ୍ ନେଇକରି ନୌଚାଲନା କଲାକୌଶଲ୍ ପ୍ରଦର୍ଶନ୍ କରିଥିଲେ । ପ୍ରତିଯୋଗିତାଥି ସୁବର୍ଣ୍ଣପୁର୍ ଜିଲ୍ଲା ୧ ନମ୍ବର୍ ହେଇଥିଲା ବେଲେ ବଲାଙ୍ଗିର୍ ୨ ନମ୍ବର୍ ଠାନ୍ ପାଇଛନ୍ ।